## ଗ୍ରୀଷ୍ମ ପୂର୍ବରୁ ଦେଖାଗଲାଣି ପାନୀୟଜଳ ସମସ୍ୟା

# ଗ୍ରାମକୁ ଯାଇ ସମୀକ୍ଷା କଲେ ଜିଲ୍ଲାପାଳ

ରାଇରଙ୍ଗପୁର, ୧୦।୩(ସମିସ)





ଗ୍ରୀଷ୍ମଋତୁ ଆରମ୍ଭ ପୂର୍ବରୁ ବାମନଘାଟି ଉପଖଣ୍ଡର ଅନେକ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହାକୁ ନେଇ ଖବର ପ୍ରକାଶ ପରେ ଜିଲ୍ଲାପାଳ ହେମକାନ୍ତ ସୟ ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଲେଇସିଲା ଗ୍ରାମ ପଞ୍ଚାୟତର କଳସିଭଙ୍ଗା ଗ୍ରାମକୁ ପରିଦର୍ଶନ କରିଛନ୍ତି। ସେଠାରେ ସେ ପାଣି ଯୋଗାଣର ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ପରେ ଅଧିକାରୀ ମାନଙ୍କୁ ନିରବଚ୍ଛିନ୍ନ ପିଇବା ପାଣି ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଘରେ ପାନୀୟ ଜଳ ଯୋଗାଣ ଯୋଜନାର ସଫଳ କାର୍ଯ୍ୟକାରୀତାକୁ ଆହୁରି ମଜବୁତ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପାନୀୟ ଜଳ ସମସ୍ୟା ଦେଖା ଯାଉଥିବା ବେଳେ କିଛି ଦିନ ପୂର୍ବରୁ ଗ୍ରାମବାସୀ ମାନେ ଉପ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ଜଣାଇଥିଲେ। କିନ୍ତୁ କୋଣସି ସମାଧାନ ହେଉନାହିଁ। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଖବର ପ୍ରକାଶ ପରେ ଜିଲ୍ଲାପାଳ ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଆରମ୍ଭ ହୋଇଥିବାରୁ ଆଗକୁ ଭୀଷଣ ଜଳ ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ରହିଛି। ତେଣୁ ଗ୍ରୀଷ୍ମପ୍ରବାହ ପୂର୍ବରୁ ଜଳ ସଙ୍କଟ ସମାଧାନ କରିବାର ଆବଶ୍ୟକତା ରହିଛି। ଅନୁଧ୍ୟାନ ସମୟରେ ରାଇରଙ୍ଗପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଗୃହ ଓ ଖୋଲା ବ୍ୟାୟାମଶାଳା ଉଦ୍‌ଘାଟିତ



**କପ୍ତିପଦା, ୧୦।୩ (ସମିସ):** କପ୍ତିପଦା ବ୍ଲକର ପିଙ୍ଗୁ ପଞ୍ଚାୟତ ଅଧୀନ ଅସନବଣିଠାରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏକ ମିଶନ ଶକ୍ତି ଗୃହ ଓ ପଞ୍ଚାୟତ ନିକଟରେ ଖୋଲା ପଡ଼ିଆରେ ଶାରୀରିକ ସୁସ୍ଥତା ବଜାୟ ରଖିବା ପାଇଁ କରାଯାଇଥିବା ବ୍ୟାୟାମଶାଳାକୁ ବିଧାୟକ ଭାସ୍କର ମଢେଇ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରେଶ୍ମା ଟେଟେ, ପିଙ୍ଗୁ ସରପଞ୍ଚ ନାରଣ ସିଂ, ସହକାରୀ ମୁଖ୍ୟ ଯନ୍ତ୍ରୀ ସଦାଶିବ ବେହେରା, କନିଷ୍ଠ ଯନ୍ତ୍ରୀ ବିକାଶ ପରିଡ଼ା ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ଶ୍ରୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି କାମ ସମ୍ପନ୍ନ ହୋଇଥିବାରୁ ମହିଳାମାନେ ବେଶ ଖୁସି ଅନୁଭବ କରିବା ସହିତ ବିଧାୟକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ



**ରାଇରଙ୍ଗପୁର, ୧୦।୩(ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ମୟୂରଭଞ୍ଜ ଗସ୍ତରେ ଆସିଛନ୍ତି। ମଙ୍ଗଳବାର ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମୀକ୍ଷା ବୈଠକରେ ରାଜ୍ୟ ଖାଦ୍ୟ ଆୟୋଗଙ୍କ ସଦସ୍ୟ ଦୟାନିଧି ଦାଶ, ଅକ୍ଷୟ ବେହେରା ଓ ପ୍ରିୟବ୍ରତ ସାମନ୍ତରାୟ ଯୋଗ ଦେଇଥିଲେ। ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା, ରାଇରଙ୍ଗପୁର ଅତିରିକ୍ତ ଯୋଗାଣ ଅଧିକାରୀ ସାରଙ୍ଗଧର ବେହେରା, ସିଡିପିଓ କୋଇଲିମଣୀ ଟୁଡୁ, ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମୁର୍ମୁ, ଏବିଇଓ ହେମ ମାଝୀ, କାର୍ତ୍ତିକ ଚନ୍ଦ୍ର କାରୁଆ, ବିଏସଏସଓ ସମ୍ବାରି ମୁର୍ମୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ବଳ, ବିପିଓ ହିମାଂଶୁ ପାତ୍ର, ଏମଆଇ ନୀତିକା ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକ ପୂର୍ବରୁ ରାଇରଙ୍ଗପୁରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ବୈଠକରେ ଆୟୋଗ ସଦସ୍ୟ ଶ୍ରୀ ଦାଶ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଶୁଦ୍ଧ ପାନୀୟଜଳ, ବିଜୁଳି ସଂଯୋଗ ଓ ଉପଯୁକ୍ତ ଶୌଚାଳୟର ସୁବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହଷ୍ଟେଲରେ ରନ୍ଧା ଖାଦ୍ୟ ଯେପରି ନଷ୍ଟ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଭତ୍ତା ପ୍ରଦାନ କ୍ଷେତ୍ରରେ ଦିବ୍ୟାଙ୍ଗ ଓ ଅସହାୟ ବିଧବାଙ୍କୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ। ନିୟମିତ ବ୍ୟବଧାନରେ ସିଡିପିଓ ଓ ସୁପରଭାଇଜର ଅଙ୍ଗନବାଡି କେନ୍ଦ୍ରକୁ ସରପ୍ରାଇଜ ପରିଦର୍ଶନ କରିବା ସହ ପରିଦର୍ଶନ ପରେ କେନ୍ଦ୍ରରେ କି ପ୍ରକାର ସୁଧାର ଆଣିପାରିଛନ୍ତି, ସେ ସମ୍ବନ୍ଧରେ ବିଡିଓଙ୍କ ଜରିଆରେ ରିପୋର୍ଟ ଦାଖଲ କରିବା ପାଇଁ ଆଦେଶ ଦେଇଥିଲେ।

ଉକ୍ତ ସମୀକ୍ଷା ବୈଠକ ପୂର୍ବରୁ ମଙ୍ଗଳବାର ପୂର୍ବାହ୍ନରେ ଆୟୋଗ ସଦସ୍ୟ କ୍ଷେତ୍ର ପରିଦର୍ଶନ ଅବସରରେ ସରପ୍ରାଇଜ ଭିଜିଟ କ୍ରମେ ରାଇରଙ୍ଗପୁର ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଗସ୍ତ କରିଥିଲେ। ମହୁଲଡିହାସ୍ଥ ଏସଏସଡି ବାଳିକା ବିଦ୍ୟାଳୟ ଯାଇ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ବଡମୌଦା, ଠାକୁରାଣୀବେଡାଠାରେ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ସେଠାକୁ ପାଠ ପଢ଼ିବା ପାଇଁ ଆସୁଥିବା କୋମଳମତି ଶିଶୁଙ୍କ ସହିତ ଭାବ ବିନିମୟ କରିବା ସହିତ କେନ୍ଦ୍ରର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସାନପାଖଣା ସରକାରୀ ୟୁପି ବିଦ୍ୟାଳୟ, ଖେଜୁରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ମଧ୍ୟାହ୍ନଭୋଜନ, ସ୍ୱତନ୍ତ୍ର ପୋଷଣ, ମା ଓ ଶିଶୁଙ୍କ ରକ୍ତହୀନତା ରୋଗ ଦୂରୀକରଣ ପାଇଁ ଅମ୍ଳାନ ଯୋଜନା, ମା ଓ ଶିଶୁଙ୍କୁ କୁପୋଷଣରୁ ରକ୍ଷା ପାଇଁ ନ୍ୟୁଟ୍ରି ଗାର୍ଡେନର କାର୍ଯ୍ୟକାରିତା, ୬ ମାସରୁ ୩ ବର୍ଷ ଶିଶୁ, ଗର୍ଭବତୀ ମହିଳା, ୩ରୁ ୬ ବର୍ଷ କମ ଓଜନର ଶିଶୁ ଓ ସ୍ତନ୍ୟପାନ କରାଉଥିବା ମାଙ୍କ ପୁଷ୍ଟିହୀନତା ଦୂର ପାଇଁ କାର୍ଯ୍ୟକାରୀ ହେଉଥିବା ପୁଷ୍ଟିକର ଖାଦ୍ୟ ଘରକୁ ଯୋଗାଇଦେବା (ଟିଏଚଆର) ଟେକ ହୋମ ରାସନ ବ୍ୟବସ୍ଥାରେ ଇଚିଣ୍ଡା ସ୍ଥିତ ଛତୁଆ ଉତ୍ପାଦନ ୟୁନିଟ ନିରୀକ୍ଷଣ କରିଥିଲେ।

## ସାନ୍ତାଳୀକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି

# ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା



**ରାଇରଙ୍ଗପୁର, ୧୦।୩(ସମିସ):** ସାନ୍ତାଳୀକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବିରେ ଭଞ୍ଜ ଖେରୱାଲ ୟୁମିଦ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ତିନି ଦିନ ଧରି ଧାରଣା ପ୍ରଦାନ କରାଯିବ। ଆଦିବାସୀଙ୍କ ସାନ୍ତାଳୀ ଭାଷାକୁ ୨୦୦୩ ଡିସେମ୍ବର ୨୨ ତାରିଖରେ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହା ସତ୍ତ୍ୱେ ରାଜ୍ୟ ସ୍ତରରେ ସାନ୍ତାଳୀ ଭାଷାକୁ ଆବଶ୍ୟକ ଗୁରୁତ୍ୱ ମିଳିନାହିଁ। ଓଡ଼ିଶା ଶିକ୍ଷା ବିଭାଗ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ବହୁଳ ଭାବେ କଥିତ ସାନ୍ତାଳୀ ଭାଷାକୁ ଶିକ୍ଷା ବ୍ୟବସ୍ଥାରେ ଏହାର ଉପଯୁକ୍ତ ସ୍ଥାନ ଦେଇନାହିଁ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଫଳରେ ଆଦିବାସୀ ଛାତ୍ରଛାତ୍ରୀ ସେମାନଙ୍କ ମାତୃଭାଷାରେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ଓ ସ୍କୁଲ ଛାଡିବା ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ପ୍ରତିବାଦ କରୁଥିବା ଭାଷାପ୍ରେମୀ ଓଡ଼ିଶା ଶିକ୍ଷା ବ୍ୟବସ୍ଥାରେ ସାନ୍ତାଳୀ ଭାଷାକୁ ଆଇନଗତ ଭାବେ କାର୍ଯ୍ୟକାରୀ କରିବା, ସାନ୍ତାଳୀକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ କରିବା ଓ କେଜିରୁ ପିଜି ପର୍ଯ୍ୟନ୍ତ ସାନ୍ତାଳୀ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ପାଇଁ ଦାବି କରୁଛନ୍ତି। ସେମାନେ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଏକ ପୃଥକ ବିଭାଗ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ଦାବି କରୁଛନ୍ତି। ସମ୍ବିଧାନର ଧାରା ୩୪୫ ଅନୁଯାୟୀ ଯଥାଶୀଘ୍ର ସାନ୍ତାଳୀକୁ ଓଡ଼ିଶା ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ କରାଯିବା ଉଚିତ ବୋଲି ସଭାପତି ଫୁରମାଲ ହାଁସଦା କହିଛନ୍ତି। ଯଦି ସରକାର ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି, ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଭାପତି ଫୁରମାଲ ହାଁସଦା, ଉପସଭାପତି ଚୈତନ ମୁର୍ମୁ, ସମ୍ପାଦକ କୃଷ୍ଣ ମାର୍ଣ୍ଡି, ସାଧାରଣ ସମ୍ପାଦକ ଦାସମାତ ସୋରେନ, କାରିଆ ହାଁସଦା, ସୁନାରାମ ମାଝୀ, ଗଜେନ୍ଦ୍ର ମୁର୍ମୁ, ଚାମୁ ସୋରେନ, ଭାରତ ମାର୍ଣ୍ଡି, ସନାତନ ମାର୍ଣ୍ଡି, ଶିବଶଙ୍କର ସୋରେନ ଓ ବହୁ ସଂଖ୍ୟକ ସାନ୍ତାଳୀ ଭାଷାଭାଷୀ, ଭାଷାପ୍ରେମୀ ଯୋଗ ଦେଇଥିଲେ।

## ମୃତ ହରିଣ ଉଦ୍ଧାର



**ବାରିପଦା, ୧୦।୩(ସମିସ):** ସକାଳୁ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ଛକରୁ ଏକ ମୃତ ହରିଣ ଉଦ୍ଧାର କରିଛି ବନ ବିଭାଗ। ହରିଣଟି ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ରରୁଆଁକୁ ଚାଲି ଆସିଥିବା କୁହାଯାଉଛି। କୁକୁର ପଲଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଏହି ସମୟରେ ହରିଣଟି ଦୌଡ଼ି ପଳାଇବାବେଳେ କୌଣସି ଜାଗାରେ କିମ୍ବା କୌଣସି ଗାଡିରେ ବାଡେଇ ହୋଇ ମୃତ୍ୟୁ ଘଟିଥିଲା। ବନ ବିଭାଗ ରରୁଆଁ ସେକ୍ସନର ଅଧିକାରୀ ପହଞ୍ଚି ମୃତ ହରିଣକୁ ଉଦ୍ଧାର କରି ରରୁଆଁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ କରିଥିଲେ। ହରିଣ ବ୍ୟବଚ୍ଛେଦ ବେଳେ କରଞ୍ଜିଆ ବନାଞ୍ଚଳ ଅଧିକାରୀ ସୁବ୍ରତ ସ୍ୱାଇଁ, ରରୁଆଁ ପ୍ରାଣୀ ଚିକିତ୍ସା ଅଧିକାରୀ, ରରୁଆଁ ସେକ୍ସନ ବନପାଳ ଜୟସିଂ ମହାନ୍ତ, ବନ ରକ୍ଷକ ସିନୁ ବେହେରା, ରରୁଆଁ ପ୍ରାଣୀ ଚିକିତ୍ସା କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ହରିଣର ବୟସ ଦେଢ଼ରୁ ୨ ବର୍ଷ ହେବା ନେଇ ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ବନ ବିଭାଗ ହରିଣକୁ ସେକ୍ସନ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିବା ଜଣାପଡ଼ିଛି।

## ଟ୍ରାନ୍ସଫର୍ମରରୁ କଏଲ ଚୋରି

**ରାଇରଙ୍ଗପୁର, ୧୦।୩ (ସମିସ):** ଶୁକୃଳି ଅଞ୍ଚଳରୁ ଟ୍ରାନ୍ସଫର୍ମର କଏଲ ଚୋରି ହୋଇଛି। ଏ ନେଇ ଟିପିଏନଓଡିଏଲ ଶୁକୃଳି ବିଦ୍ୟୁତ ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ନନ୍ଦ ରରୁଆଁ ଥାନାରେ ଅଭିଯୋଗ କରିଛନ୍ତି। ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ମରାମତି କାର୍ଯ୍ୟ କରିବାକୁ ଯାଇଥିଲେ। ସିଆଲଘୋଟାଣୀ ଗ୍ରାମର ୨୫ କେଭିର ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି ହୋଇଥିବା ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଅନେକ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଚୋରି କଏଲର ଆନୁମାନିକ ମୂଲ୍ୟ ୫୦, ୦୦୦ ଟଙ୍କା ହେବ। ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ନବ ନିର୍ମାଣ କୃଷକ ସଂଗଠନର ବୈଠକ

**କୁଆମରା, ୧୦।୩(ସମିସ):** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ ଗୁଡଡିହା ହାଇସ୍କୁଲ ପଡ଼ିଆରେ କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ ପାଇଁ ବ୍ଲକସ୍ତରୀୟ ବୈଠକ ବ୍ଲକ ସଭାପତି ରବୀନ୍ଦ୍ର ପୋଥାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଭାରୀ ଚିନୁ ଦାସ ବୈଠକରେ ଯୋଗ ଦେଇ ଚାଷୀ ସୁରକ୍ଷା, ଭତ୍ତା, ଭାଗଚାଷୀ ସମସ୍ୟା ପ୍ରଭୃତି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଅବହେଳାକୁ ନିନ୍ଦା କରିବା ସହ କେନ୍ଦୁଝରର ମା’ ତାରିଣୀ ପୀଠରୁ ପଦଯାତ୍ରାରେ ସାମିଲ ହେବାକୁ ନିବେଦନ କରିଥିଲେ। ଆସନ୍ତା ୨୨ରୁ ୩୧ ପର୍ଯ୍ୟନ୍ତ ଏହି ପଦଯାତ୍ରାରେ କୃଷକ, ମହିଳା ଓ ଯୁବ ଗୋଷ୍ଠୀ ସାମିଲ ହେବାକୁ ଆହ୍ୱାନ କରିଛନ୍ତି। ଶିବପ୍ରସାଦ ସେଠୀ, କେଶର ସୋରେନ, ସୁଦାମ ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ଦେବେନ୍ଦ୍ର ହେମ୍ବ୍ରମ, ରଘୁନାଥ ହେମ୍ବ୍ରମ ପ୍ରମୁଖ ସରକାରଙ୍କ ବାଟମାରଣା ନୀତିକୁ ବିରୋଧ କରିଥିଲେ।



## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବାରିପଦା, ୧୦।୩(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ସୁଭାଶିଷ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷାର ଆବଶ୍ୟକତା ଓ ଆଜିର ଦିନରେ ଝିଅଟିଏ ଆତ୍ମରକ୍ଷା ଜାଣିଲେ ସମାଜରେ ନିଜକୁ ସୁରକ୍ଷିତ ରଖିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ କୌଶଲ୍ୟା ନାୟକ ଯୋଗଦେଇ ଆଜିର ସମାଜରେ ନାରୀ ସୁରକ୍ଷିତ ନୁହେଁ। ପାଦେ ପାଦେ ପ୍ରତାରଣା, ହିଂସା ଆଦିକୁ ସେ ସାମ୍ନା କରୁଛି। ପୁରୁଷ ପ୍ରଧାନ ସମାଜରେ ନାରୀ ଅନେକ ସମୟରେ ନିଜକୁ ଦୁର୍ବଳ ବୋଲି ଭାବିବାକୁ ବାଧ୍ୟ ହେଉଛି। ସେ ନିଜକୁ ସୁରକ୍ଷା ଦେବାରେ ଅସମର୍ଥ। ଆଜି ନିଜକୁ ସୁରକ୍ଷା ଦେବାର ସମୟ ଆସିଛି। ଏହା ଦ୍ୱାରା ନାରୀ ନିଜ ସମ୍ମାନ ରକ୍ଷା କରିବାକୁ ସମର୍ଥ ହେବ ବୋଲି କହିଥିଲେ। ନିଜ ଜୀବନର ଅନୁଭୂତିକୁ ଆଧାର କରି ଛାତ୍ରୀ କିପରି ନିଜ ସମ୍ମାନ ରକ୍ଷା କରିବାରେ ସମର୍ଥ ହୋଇପାରିବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଡ. ସାଗରିକା ସିଂହ ନିଜର ସଭାପତି ଅଭିଭାଷଣରେ ବିଭିନ୍ନ ପୁରାଣ, ମହାଭାରତ ଆଦିର ଉଦାହରଣ ଦେଇ ନାରୀ ନିଜର ରକ୍ଷା କିପରି କରିପାରିଥିଲେ ସେ ସମ୍ପର୍କରେ ଆଲୋଚନା କରିବା ସହିତ ଝିଅମାନେ ନିଜେ ଦୃଢ଼ମନା ହେବା ସହ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ କିପରି ସାମ୍ନା କରିପାରିବେ, ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସୁଶ୍ରୀ ସୁନୀତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ



ସହସଂଯୋଜିକା ତଥା ପ୍ରାଣୀ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ସ୍ୱର୍ଣିକା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆତ୍ମରକ୍ଷା ସମ୍ପର୍କିତ ସ୍ଲୋଗାନ ଲେଖା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସଚେତନତାମୂଳକ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିବାବେଳେ କ୍ରୀଡ଼ା ପ୍ରଶିକ୍ଷିକା ତନିସ୍କା ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ପରଲୋକ



**କୁଳିଅଣା, ୧୦।୩(ସମିସ):** କୁଳିଅଣା ପଞ୍ଚାୟତ ଅଧୀନ ଟମକିଆଷୋଳ ଗ୍ରାମର ଚିତ୍ତରଞ୍ଜନ ମାହାନା (୬୫)ଙ୍କ ପରଲୋକ ଘଟିଛି। ସେ ଗତ ମଙ୍ଗଳବାର ସକାଳ ୮ଟା ସମୟରେ ନିଜ ୱେଲଡିଂ ଦୋକାନରୁ ବାଇକ ଯୋଗେ ଘରକୁ ଯାଉଥିବାବେଳେ ଜାତୀୟ ରାଜପଥ ବଳିମୁଣ୍ଡୁଳି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି, ୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ କରୁଣାକର କର, ବିଜେଡି ଜିଲ୍ଲା କମିଟି ସମ୍ପାଦକ ରବୀନ୍ଦ୍ର କର, ତାରାପଦ ନାଥ, ସଞ୍ଜିତ କାନୁନଗୋ, ବିଜେପି ମଣ୍ଡଳ ସଭାପତି ବିଶ୍ୱନାରାୟଣ ଜିତବାବୁ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅବୋହୂ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ଶ୍ରୀ ମାହାନା ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ କୁଳିଅଣା ପଞ୍ଚାୟତ ସମିତି ସଭ୍ୟ ଓ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଭ୍ୟ ଥିଲେ।

## ଅବ୍ୟବସ୍ଥା ମଧ୍ୟରେ ବାଟପଲସା ବିଦ୍ୟାଳୟ

# ବାରଣ୍ଡାରେ ବସି ପଢୁଛନ୍ତି ଛାତ୍ରଛାତ୍ରୀ

କରଞ୍ଜିଆ, ୧୦।୩(ସମିସ)





କରଞ୍ଜିଆ ବ୍ଲକସ୍ଥ ବାଟପଲସା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀ ବାରଣ୍ଡାରେ ବସି ପଢୁଛନ୍ତି। କାଳବୈଶାଖୀରେ କ୍ଷତିଗ୍ରସ୍ତ ଗୃହର ମରାମତି ହେଉ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

ଗ୍ରାମବାସୀଙ୍କ ଠାରୁ ଖବର ପାଇ ଆମ ପ୍ରତିନିଧି ଉକ୍ତ ବିଦ୍ୟାଳୟ ପର୍ଯ୍ୟବେକ୍ଷଣ ନିମିତ୍ତ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ବେଳକୁ ସ୍କୁଲ ଶ୍ରେଣୀ ଗୃହ ବାରଣ୍ଡାରେ ଛାତ୍ରଛାତ୍ରୀ ବସି ପରୀକ୍ଷା ଦେଉଛନ୍ତି। ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଜାଣିଲୁ ଗତବର୍ଷ ମେ ମାସରେ ହୋଇଥିବା କାଳବୈଶାଖୀ ଯୋଗୁଁ ଶ୍ରେଣୀ ଗୃହ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଫଳସ୍ୱରୂପ ପିଲାମାନେ ବାରଣ୍ଡାରେ ପଢୁଛନ୍ତି ଓ ପରୀକ୍ଷା ଦେଉଛନ୍ତି। ଉପରିସ୍ଥ ଅଧିକାରୀ, ବିଡିଓ ଓ ଏଡିଓ ଆସି ତଦାରଖ କରି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ପିଲାଙ୍କୁ ପଚାରିବାରୁ ସେମାନେ ବର୍ଷା ଓ ଖରାରେ ବାରଣ୍ଡାରେ ବସି ପଢୁଥିବା କହିଛନ୍ତି। ଆହୁରି ଚିନ୍ତାର ବିଷୟ ସେଠାରେ ବୁଲା କୁକୁର ବୁଲୁଛନ୍ତି। ପିଲାମାନେ ଭୟଭୀତ ହେବା ସହିତ କୁକୁର କାମୁଡାକୁ ଡରି ରହୁଛନ୍ତି।

ଦୁଇ ମାସ ହେବ ଗୋଟିଏ ନୂତନ ଗୃହର କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇନାହିଁ। ଗୋଟିଏ ଶ୍ରେଣୀ ଗୃହରେ ୩ଟି କ୍ଲାସ ହେଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାମାନେ ଏଭଳି ଅନେକ ସମସ୍ୟା ଦୈନନ୍ଦିନ ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ମାନସିକ ସ୍ତରରେ ଅସୁସ୍ଥ ପିଲାମାନେ ମଧ୍ୟ ପଢୁଛନ୍ତି। ସେମାନଙ୍କ ମେଡିକାଲ ଚିକିତ୍ସା ନିମିତ୍ତ ମେଡିକାଲ ଟିମ ଅନୁଧ୍ୟାନ ନିମିତ୍ତ ଆସିଥିଲେ ମଧ୍ୟ କୌଣସି ଦିବ୍ୟାଙ୍ଗ ବା ମାନସିକ ଅକ୍ଷମ ପ୍ରମାଣ ପତ୍ର ଦିଆଯାଇନାହିଁ। ମେଡିକାଲ ତଦାରଖ ଟିମ କେତେବେଳେ ୮ ମାସ ତ କେତେବେଳେ ୬ ମାସକୁ ଥରେ ଯାଉଥିବା ଅଭିଯୋଗ ହେଉଛି। ମାନସିକ ଅକ୍ଷମ ପିଲାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଗଲେ ସେମାନେ ସରକାରଙ୍କଠାରୁ ବୃତ୍ତି ସହାୟତା ପାଇପାରିବେ ଓ ଅନ୍ୟାନ୍ୟ ସରକାରୀ ସୁବିଧା ମିଳିପାରିବ। ପାନୀୟଜଳ ଓ ଶୌଚାଳୟ କଥା ତ କହିଲେ ନ ସରେ। ଦୂଷିତ ପାନୀୟଜଳ ସହିତ ପିଲାମାନେ ଭଙ୍ଗା ଶୌଚାଳୟ ବ୍ୟବହାର କରୁଛନ୍ତି। ସୂଚନା ଫଳକରେ ଏକ ଲକ୍ଷ ପଚାଶ ହଜାର ଟଙ୍କା ବିଦ୍ୟାଳୟ ମରାମତି ଖର୍ଚ୍ଚ ହୋଇଥିବା ଉଲ୍ଲେଖ ରହିଛି। ରୋଷେଇ ଗୃହରେ ଆବଶ୍ୟକ ସ୍ଥାନର ଅଭାବ ରହୁଥିବା ହେତୁ ହଷ୍ଟେଲ ରୋଷେଇ ଗୃହରେ ୨୦୦ ପିଲାଙ୍କ ‘ମିଡ ଡେ ମିଲ’ ପ୍ରସ୍ତୁତି ହେଉଛି। ଏସବୁ ଅସୁବିଧାକୁ ନେଇ ପବ୍ଲିକ ଗ୍ରିଭେନ୍ସ ବୈଠକରେ ବିଦ୍ୟାଳୟ କମିଟି ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ଆସୁଥିବା ଆର୍ଥିକ ସହାୟତା ଏମାନଙ୍କ ପାଖରେ ପହଞ୍ଚିପାରୁନାହିଁ। ଆର୍ଥିକ ଅନୁଦାନର କୌଣସି ତାଲିକା ମଧ୍ୟ ନାହିଁ। ସରକାରଙ୍କ ଅନୁଦାନ ଯାଉଛି କୁଆଡେ? ଏ ବିଷୟରେ ତଦନ୍ତ ହେବା ଜରୁରୀ ବୋଲି ସାଧାରଣ ଲୋକ ମତ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ବିପଦପୂର୍ଣ୍ଣ ଶ୍ରେଣୀ ଗୃହ ପାଇଁ ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଚାହୁଁନାହାନ୍ତି। ଫଳରେ ଦିନକୁ ଦିନ ପିଲାଙ୍କ ସଂଖ୍ୟା କମିବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମହିଳାଙ୍କୁ ସ୍ୱାବଲମ୍ବୀ କରିଛି 'ଶକ୍ତି କାଫେ'

# ବର୍ଷକୁ ୨ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି ପ୍ରତି ସଦସ୍ୟ

ବାରିପଦା, ୧୦।୩(ସମିସ): ମହିଳାଙ୍କ ପାଇଁ ମାର୍ଚ୍ଚ ୮ ତାରିଖ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳିତ ହେଉଛି। ଏମିତିରେ ତ' ମହିଳାଙ୍କ ବିନା ସଂସାର ଅଧୁରା। ଜଣେ ମହିଳା ମା', ଭଉଣୀ, ସ୍ତ୍ରୀ ଓ ଝିଅ ରୂପରେ ସମାଜକୁ ଆସି ନିଜର ସ୍ନେହ, ତ୍ୟାଗ ଓ ସେବା ଦ୍ୱାରା ସମସ୍ତଙ୍କୁ ନିଜର କରି ବାନ୍ଧି ରଖିଥା'ନ୍ତି। ଆଜିର ଦିନରେ ମହିଳାଙ୍କ କଳା ଓ କୀର୍ତ୍ତି କାହାକୁ ବି ଅଛପା ନାହିଁ। ତେଣୁ ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ସହ ସ୍ୱାବଲମ୍ବୀ ହୋଇ ପୁରୁଷଙ୍କ ସହ ପାଦ ମିଶାଇ ଆଗକୁ ଆଗେଇ ଚାଲିଛନ୍ତି। ଏହାର ଏକ ବଡ଼ ଉଦାହରଣ ଦେଖିବାକୁ ମିଳିଛି ବାରିପଦା ସହରରେ। ମହିଳା ଦିବସ ପାଇଁ ଏହି ସ୍ୱାବଲମ୍ବୀ ମହିଳା ସଦସ୍ୟା ଉଦାହରଣ ସାଜିଛନ୍ତି। ଘରର ଚାରି କାନ୍ଥ ଭିତରେ ସୀମିତ ରହିଥିବା ମହିଳା ଏବେ ନିଜ ଇଚ୍ଛାଶକ୍ତି ବଳରେ ଆକାଶକୁ ଛୁଇଁବାର ସ୍ୱପ୍ନ ଦେଖୁଛନ୍ତି। ଆଉ ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବାରିପଦାର ପ୍ରତିଷ୍ଠିତ 'ଜାଗୃତି ମହିଳା ମଣ୍ଡଳ'। ସରକାରୀ ଯୋଜନା ସହାୟତାରେ ଚଳାଉଛନ୍ତି ଏକ 'ଶକ୍ତି କାଫେ'। ମହିଳାମାନେ ଏହି କାଫେରେ କେବଳ ଯେ' ସୁସ୍ୱାଦୁ ଖାଦ୍ୟ ପରିବେଷଣ କରୁଛନ୍ତି ତାହା ନୁହେଁ, ଏହା ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରି ସମାଜରେ ନୂଆ ପରିଚୟ ଦେଉଛି। ପ୍ରତି ସଦସ୍ୟା ବାର୍ଷିକ ୨ ଲକ୍ଷରୁ ଅଧିକ ରୋଜଗାର ମଧ କରୁଛନ୍ତି। ଯାହା ରାଜ୍ୟ ତଥା ଦେଶ ପାଇଁ ଆଜି ପ୍ରେରଣା ସାଜିଛି।

ଏହି ଯାତ୍ରାର ଆରମ୍ଭ ହୋଇଥିଲା ୨୦୦୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଐତିହାସିକ ଯୋଜନାର ଆଦର୍ଶରେ ଅନୁପ୍ରାଣିତ ହେବା ପରେ 'ଜାଗୃତି ମହିଳା ସ୍ୱୟଂସହାୟକ ଗୋଷ୍ଠୀ' ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ମାତ୍ର ୧୦ ଜଣ ସଦସ୍ୟା ସିଲ୍କ ଥ୍ରେଡ୍ରୁ ଲେଡିଜ୍ ଅର୍ନାମେଣ୍ଟ, ରାଖୀ, ବ୍ୟାଗ୍ ଓ ପର୍ସ ପ୍ରସ୍ତୁତ କରି ବିଭିନ୍ନ ମେଳାରେ ଷ୍ଟଲ୍ ଲଗାଇ ଓ ସପ୍ଲାଇ କରି ରୋଜଗାର କରୁଥିଲେ। କରୋନା ମହାମାରୀରେ ୨୦୨୦ରେ ଏହି ଗୋଷ୍ଠୀ ଫ୍ରି କିଚେନ୍ ଆରମ୍ଭ କରିଥିଲା। ଯାହା ଏମାନଙ୍କ ଯାତ୍ରାକୁ ନୂଆ ଦିଗ ଦେଇଥିଲା। ପରବର୍ତ୍ତୀ ବର୍ଷ ୨୦୨୧ରେ ତୁଳସୀ, ପାୟଲ୍, ମା ବୃନ୍ଦାବତୀ ଓ ବୃନ୍ଦାବନ ନାମକ ଅନ୍ୟ ସ୍ୱୟଂସହାୟକ ଗୋଷ୍ଠୀ ମିଶି 'ଜାଗୃତି ମହିଳା ମଣ୍ଡଳ' ଫେଡେରେସନ୍ ଗଠନ ହୋଇଥିଲା। ଏହି ସମୟରେ ସରକାରଙ୍କ ମିଶନ୍ ଶକ୍ତି ଯୋଜନା ଅନୁସାରେ ପ୍ରତି ଜିଲ୍ଲାରେ ଶକ୍ତି କାଫେ ଆରମ୍ଭ ହୋଇଥିଲା, ଯାହା ମହିଳାଙ୍କୁ ରୋଜଗାରକ୍ଷମ କରିବାର ଲକ୍ଷ୍ୟ ରଖିଥିଲା। ବାରିପଦାର ମୁର୍ଗାବାଡ଼ିସ୍ଥ ଜିଲ୍ଲା ପରିଷଦ କମ୍ପ୍ଲେକ୍ସରେ ଏହି କାଫେ ଜାଗୃତି ମହିଳା ମଣ୍ଡଳକୁ ପ୍ରଦାନ କରାଯାଇଥିଲା। ଆରମ୍ଭରେ ମିଲେଟ୍ ଆଧାରିତ ଉତ୍ପାଦକୁ ପ୍ରୋତ୍ସାହନ ଦିଆଯାଇଥିଲା। ପରେ ଏଠାରେ ସମସ୍ତ ପ୍ରକାରର ଖାଦ୍ୟ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏବେ କାଫେର ଡାଇନିଂରେ ପ୍ରତିଦିନ ୧୦୦ରୁ ଅଧିକ ଗ୍ରାହକ ଖାଉଥିବାବେଳେ ବିଭିନ୍ନ ଅଫିସ୍ ମିଟିଂ ଓ ପାର୍ଟି ପାଇଁ ୫୦୦ରୁ ୧୫୦୦ ପର୍ଯ୍ୟନ୍ତ ସକାଳ ଜଳଖିଆ, ମଧ୍ୟାହ୍ନଭୋଜନ, ସ୍ନାକ୍ସ ଓ ରାତ୍ରିଭୋଜନ ଯୋଗାଇ ଦିଆଯାଉଛି।

ଏହାଛଡ଼ା, ବିଭିନ୍ନ ମେଳା ଓ ମହୋତ୍ସବରେ ଷ୍ଟଲ୍ ଲଗାଇ ବିବିଧ ପିଠା ବିକ୍ରି କରାଯାଉଛି। କାଫେରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ବିବିଧତା ଆକର୍ଷଣୀୟ। ସକାଳ ଜଳଖିଆରେ ଇଡଲି, ଉପମା, ଚକୁଳି, ସମ୍ବର, ଚଟଣୀ, ପୁରୀ ତରକାରୀ, କଟଲେଟ୍, ବିରିବଡ଼ା, ଆଲୁଚପ୍, ସିଙ୍ଗଡ଼ା, ପକୁଡ଼ି, ବ୍ରେଡଚପ୍ ଓ ମଟର ତରକାରୀ ଆଦି ମିଳୁଥିବାବେଳେ ମଧ୍ୟାହ୍ନ ଭୋଜନରେ ସାଧା, ମାଛ, ଚିକେନ୍, ମଟନ୍, ଅଣ୍ଡା, ପନିର ଓ ମସରୁମ୍ ପ୍ରସ୍ତୁତ ହେଉଛି। ରାତ୍ରିଭୋଜନରେ ରୋଟି ଓ ଭାତ ସହ ଆମିଷ ଓ ନିରାମିଷ ବ୍ୟଞ୍ଜନ ଉପଲବ୍ଧ। ଏଥିସହ ସିଝା ମଣ୍ଡା, ଚନ୍ଦ୍ରକାନ୍ତି, କାକରା, ଆରିସା, ପୋଡ଼ ପିଠା, ମସଲା ପିଠା, କଟୋରୀ ଚାଟ୍, ଦହିବଡ଼ା ଆଦି ମଧ ପ୍ରସ୍ତୁତ ହେଉଛି। ପ୍ଲେନ୍ ଚା, ସ୍ପେଶାଲ୍ ଚା, ଲିମନ୍ ଟି ଓ କଫି ମଧ ଏଠାରେ ମିଳୁଛି। କେବଳ ଖାଦ୍ୟ ନୁହେଁ, ମହିଳାମାନେ ପ୍ରାକୃତିକ ସାମଗ୍ରୀରୁ ଚୁଡ଼ି, ହାର, ନେକଲେସ୍, ହେୟର କ୍ଲିପ୍, ଇଅର ରିଂ ଆଦି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। କିଛି ସଦସ୍ୟା ଅର୍ଡର ମୁତାବକ ସାୟା, ବ୍ଲାଉଜ୍ ଓ ୟୁନିଫର୍ମ ସିଲାଇ କରି ସଂଗଠନକୁ ବଳ ଯୋଗାଉଛନ୍ତି। ସଂଗଠନରେ ଅନେକ ସଦସ୍ୟା ରହିଥିବାବେଳେ ୨୫ ଜଣ ସକ୍ରିୟ ମହିଳା ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ତିନି ସିଫ୍ଟରେ କାମ କରୁଛନ୍ତି। ଅର୍ଡର ନେଇଥିବା ସ୍ଥାନକୁ ଯାଇ ନିଜେ ପରିବେଷଣ କରୁଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ବିଧବା ଓ ଅନେକ ଆର୍ଥିକ ଅନଗ୍ରସର ମହିଳା ରହିଛନ୍ତି। ଜଣେ ସଦସ୍ୟା ଶିଖା ମାଇତି କହିଛନ୍ତି, ସ୍ୱାମୀଙ୍କ ମୃତ୍ୟୁ ପରେ ଆର୍ଥିକ ଅନଟନ ଲାଗିରହିଥିଲା। ଏହି ମହିଳା ମଣ୍ଡଳ ମୋତେ ବଳ ଯୋଗାଇଲା। ଏଠାରୁ ଲାଭାନ୍ୱିତ ହୋଇ ମୋ' ପିଲାଙ୍କୁ ପାଠ ପଢ଼ାଉଛି ଓ ଭଲରେ ଚଳିପାରୁଛୁ। ଅନ୍ୟ ଜଣେ ସଦସ୍ୟା ସ୍ୱାଗତିକା ବେହେରା କହିଛନ୍ତି, ଦିନେ ଆମେ କାହାର ମା, ଭଉଣୀ, ସ୍ତ୍ରୀ ବା ଝିଅ ଭାବେ ପରିଚୟ ପାଉଥିଲୁ। ଏବେ ଆମେ ନିଜ ପରିଚୟ ନିଜେ ସୃଷ୍ଟି କରିପାରିଛୁ। ପୂର୍ବରୁ ଖର୍ଚ୍ଚ ପାଇଁ ସ୍ୱାମୀ ପାଖରୁ ଟଙ୍କା ମାଗୁଥିଲୁ। ଏବେ ଆମେ ଘର ପରିବାରର ଉନ୍ନତିରେ ସହାୟତା ଯୋଗାଉଛୁ। ଏହା ଆମ ମହିଳା ମଣ୍ଡଳର ଏକତା ପାଇଁ ସମ୍ଭବ ହୋଇପାରିଛି। ସଂଗଠନର ସମ୍ପାଦିକା ପ୍ରଭାତ ନଳିନୀ ଦାସ ଓ ସଭାପତି ଭଗବତୀ ଆଚାର୍ଯ୍ୟ କହିଛନ୍ତି, ସମସ୍ତ ସଂସ୍ଥା ମିଶାଇ ବାର୍ଷିକ ୧ କୋଟିରୁ ୧.୫ କୋଟି ଟର୍ଣ୍ଣଓଭର ହେଉଥିବାବେଳେ ପାଖାପାଖି ୫୦ ଲକ୍ଷ ଲାଭ ହେଉଛି। ପ୍ରତି ସଦସ୍ୟା ବାର୍ଷିକ ୨ ଲକ୍ଷରୁ ଅଧିକ ରୋଜଗାର କରୁଛନ୍ତି ଓ ଖୁସିରେ ରହିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜାଗୃତି ଅନୁଷ୍ଠାନ ପକ୍ଷରୁ ମହିଳାଙ୍କୁ ଆହ୍ୱାନ କରାଯାଇଛି ଯେ ଘରୁ ବାହାରକୁ ଆସନ୍ତୁ, ନିଜ ଗୋଡ଼ରେ ଛିଡ଼ା ହୁଅନ୍ତୁ ଓ ନିଜ ପରିଚୟ ନିଜେ ତିଆରି କରନ୍ତୁ। ରାଜ୍ୟର ସମସ୍ତ ଜିଲ୍ଲାରେ ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ଅନେକ ସ୍ଥାନରେ ଏହା ବନ୍ଦ ହୋଇଗଲାଣି। ତେବେ ବାରିପଦାର ଶକ୍ତି କାଫେ ଏକ ପରିଚୟ ସୃଷ୍ଟି କରିପାରିଛି। ଏହି ମହିଳା ମଣ୍ଡଳ ଟାର୍ଗେଟ୍ ରଖି କାମ କରୁଛି ଓ ସରକାରୀ ପ୍ରୋତ୍ସାହନରେ ଦିଶା ପାଇଛି। ଏମାନଙ୍କ ପାରମ୍ପରିକ ଓ ସ୍ୱଦେଶୀ ଖାଦ୍ୟ, ଯେପରି ମାଣ୍ଡିଆରୁ ପ୍ରସ୍ତୁତ ବ୍ୟଞ୍ଜନ, ବାହାର ରାଜ୍ୟର ଅତିଥିଙ୍କ ପ୍ରଶଂସା ସାଉଁଟୁଛି। ସବୁ ମେଳାରେ ଏମାନଙ୍କ ଷ୍ଟଲ୍ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ମହିଳା ଦିବସରେ ସମସ୍ତଙ୍କୁ ନିବେଦନ ଯେ ଏହି ଶୃଙ୍ଖଳିତ କାର୍ଯ୍ୟପ୍ରଣାଳୀକୁ ଦେଖନ୍ତୁ ଓ ପ୍ରେରଣା ନିଅନ୍ତୁ। ମହିଳାଙ୍କ ଏକତା ଓ କଠୋର ପରିଶ୍ରମ କୌଣସି ବାଧାକୁ ଅତିକ୍ରମ କରି ସଫଳତାର ନୂଆ ଅଧ୍ୟାୟ ଲେଖିପାରେ ବୋଲି ଜାଗୃତି ମହିଳା ମଣ୍ଡଳ ପ୍ରମାଣିତ କରିଛନ୍ତି। ଏହା କେବଳ ମୟୂରଭଞ୍ଜ ପାଇଁ ନୁହେଁ, ସମଗ୍ର ରାଜ୍ୟ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ସାଜିଛି।

### ଶାଳଖୁଣ୍ଟା ବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣା

## ଜାତୀୟ ମାନବାଧିକାର କମିଶନର ୩ ଜଣିଆ ଟିମ୍‌ର ତଦନ୍ତ

ଉଦଳା, ୧୦।୩ (ସମିସ): ୧୧ ମାସ ପୂର୍ବେ ଶାଳଖୁଣ୍ଟା ପିଏମ୍‌ଶ୍ରୀ ଆଶ୍ରମ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ମାନବାଧିକାର କମିଶନର ୩ ଜଣିଆ ଟିମ୍ ତଦନ୍ତ କରିଛନ୍ତି। ଆଶ୍ରମ ବିଦ୍ୟାଳୟରେ ୨୦୨୫ ଏପ୍ରିଲ ୧୩ ତାରିଖରେ ବିଦ୍ୟାଳୟ ହଷ୍ଟେଲରେ ଥିବା ଦ୍ୱିତୀୟ ଶ୍ରେଣୀ ଛାତ୍ରୀ କାନ୍ଦରୀ ମଢେଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଯାହାକି ମାତ୍ର ୩ ଫୁଟ ଉଚ୍ଚରେ ଥିବା ଏକ ବାଉଁଶରେ ଶୁଖିଥିବା ଏପରନରେ ଗୁଡେଇ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଉକ୍ତ ଘଟଣାର ପୁଲିସ ତଦନ୍ତ କରିଥିବାବେଳେ ଜାତୀୟ ମାନବାଧିକାର କମିଶନର ୩ ଜଣିଆ ଟିମ ଆଜି ବିଦ୍ୟାଳୟରେ ପହଞ୍ଚି ଘଟଣାର ଖୋଳତାଡ଼ କରିଛନ୍ତି। ବିଦ୍ୟାଳୟରେ ଘଟଣା ଦିନ ଉପସ୍ଥିତ ଥିବା ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିବା ସହିତ ଘଟଣାସ୍ଥଳ ବୁଲି ଦେଖିଛନ୍ତି। ଏହି ତଦନ୍ତ ପ୍ରକ୍ରିୟା ଆହୁରି ଦୁଇ ଦିନ ଚାଲିବ ବୋଲି ଜଣାଯାଇଛି।

### ୧୩ରୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

## ତିନିଦିନ ଧରି ମୟୂରଭଞ୍ଜ ପରିକ୍ରମା କରିବ ମହାରାଜାଙ୍କ ଜ୍ୟୋତିରଥ

ବାରିପଦା, ୧୦।୩(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ପାଇଁ ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ୨୦୦୩ରୁ ବାରିପଦାର ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ୯ ବର୍ଷ ଧରି ଜିଲ୍ଲାର ସମସ୍ତ ୪ଟି ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଓ ଭାଇଚାରାର ପରମ୍ପରାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରାଲି) ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ୧୩ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିକ୍ରମା କରିବ।

ଏହି ଜାଗରଣ ଯାତ୍ରାରେ ୫୦ରୁ ଅଧିକ ସଂସ୍କୃତି ସୈନିକଙ୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୂରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ କରିବ। ମାର୍ଚ୍ଚ ୧୩ତାରିଖ ପ୍ରଥମ ଦିନ ସକାଳ ୮ ଟାରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଳସିନାଚ, ସଂକୀର୍ତ୍ତନ, ଓଡିଶୀ ଆଦି କଳାକାର ମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସିବ। ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଏବଂ ଜ୍ୟୋତିରଥ କୁଳିଅଣା, କଳାବାଡିଆ, ଝାରପୋଖରିଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଦୁନ୍ଦୁ ପର୍ଯ୍ୟନ୍ତ ଯିବ। ସେହିପରି ୧୪ ତାରିଖ ଦ୍?ତୀୟ ଦିନ ଦୁନ୍ଦୁରୁ ବାହାରି ଜାମଦା, ଗଡ ରାଇରଙ୍ଗପୁର, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା ହୋଇ ଉଦଳାରେ ପହଞ୍ଚିବ। ଏବଂ ୧୫ ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଠା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶ୍?ର ଗୋଲେଇରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛଉ ପଡ଼ିଆ ନିକଟରେ ଜାଗରଣ ଯାତ୍ରା ଉଦଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

### ପର୍ବତାରୋହୀଙ୍କ ସାଇକଲରେ ଭାରତ ଭ୍ରମଣ

## ସ୍କୁଲ ଓ କଲେଜ ଛାତ୍ରୀଙ୍କୁ ଦେଉଛନ୍ତି ସ୍ୱାବଲମ୍ବୀ ମନ୍ତ୍ର



ବାରିପଦା, ୧୦।୩(ସମିସ): ସାମାଜିକ କଟକଣାର ପାଚେରୀ ଡେଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ବାହାରିଛନ୍ତି ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ୩୦ ବର୍ଷୀୟ ଝିଅ ସମୀରା ଖାନ। ପୁରୁଷ ପ୍ରଧାନ ସମାଜରେ ଝିଅମାନଙ୍କୁ ସ୍ୱପ୍ନ ଦେଖିବାକୁ ଓ ସ୍ୱାଧୀନ ଭାବେ ବଞ୍ଚିବାକୁ ଶିଖାଇବା ପାଇଁ ସେ ଆରମ୍ଭ କରିଛନ୍ତି ଏକ ନିଆରା ସାଇକଲ ଅଭିଯାନ। ବର୍ଷକ ତଳେ ୨୦୨୫ ମାର୍ଚ୍ଚରୁ ସମୀରା ସାଇକଲରେ ପ୍ରାୟ ୭, ୦୦୦ କିଲୋମିଟର ଯାତ୍ରା କରିସାରିଲେଣି। ଏହି ସମୟ ମଧ୍ୟରେ ସେ ଭାରତର ୧୦ଟି ରାଜ୍ୟ ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭ୍ରମଣ କରିଛନ୍ତି। ଏହାରି ମଧ୍ୟରେ ସେ ବିଭିନ୍ନ ରାଜ୍ୟର ୯୦୦ରୁ ଅଧିକ ଗ୍ରାମୀଣ ଓ ସହରୀ ବିଦ୍ୟାଳୟ, କଲେଜକୁ ଯାଇ ଛାତ୍ରୀଙ୍କ ସହ ଭାବବିନିମୟ କରିଛନ୍ତି। ନିକଟରେ ସେ ବାରିପଦା ସହରର ଏକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସମୀରା କୁହନ୍ତି, ଯେତେବେଳେ ଝିଅମାନେ ନିଜ ମନର କଥା, ନିଜ ସ୍ୱପ୍ନ ଓ ସମାଜରେ ସେମାନେ ସାମ୍ନା କରୁଥିବା ଆହ୍ୱାନ ବିଷୟରେ ମୋତେ କୁହନ୍ତି, ମୁଁ ନିଜକୁ ସେମାନଙ୍କ ସହ ଗଭୀର ଭାବେ ଯୋଡ଼ିପାରେ। ୩୦ ବର୍ଷୀୟା ସମୀରା ଜଣେ ଦକ୍ଷ ପର୍ବତାରୋହୀ। ସେ ହିମାଳୟ ଓ ୟୁରୋପର ୧୧ଟି ଶୃଙ୍ଗ ଆରୋହଣ କରିଛନ୍ତି। ନେପାଳର ୬, ୮୫୯ ମିଟର ଉଚ୍ଚତା ବିଶିଷ୍ଟ ଅମା ଦାବଲାମ ଶୃଙ୍ଗ ଜୟ କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସଫଳତା। ଗରିବ ପରିବାରରେ ଜନ୍ମିତ ସମୀରା ୨୦୧୫ରେ ନିଜ ପିତାମାତାଙ୍କୁ ହରାଇଥିଲେ। କିନ୍ତୁ କୌଣସି ପରିସ୍ଥିତି ତାଙ୍କୁ ଅଟକାଇ ପାରିନାହିଁ। ସେ ସାମାଜିକ ବିଜ୍ଞାନ ଓ ପରିବେଶ ବିଜ୍ଞାନରେ ସ୍ନାତକ କରିଛନ୍ତି। ୨୦୧୮ ରୁ ସେ ସାଇକଲରେ ଜର୍ମାନୀ, ନରୱେ, ନେଦରଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଜାପାନ ଭଳି ୩୭ଟି ଦେଶ ଭ୍ରମଣ କରିସାରିଛନ୍ତି। ସମୀରାଙ୍କ କହିବା ଅନୁଯାୟୀ, ଓଡ଼ିଶା ଭ୍ରମଣ ଶେଷ କରି ସେ ଛତିଶଗଡ଼ ଓ ତେଲେଙ୍ଗାନା ଦେଇ ନିଜ ରାଜ୍ୟ ଆନ୍ଧ୍ରପ୍ରଦେଶ ପ୍ରତ୍ୟାବର୍ତ୍ତନ କରିବେ। ନିଜର ଏହି ଅଭିଯାନ ସେ ନିଜସ୍ୱ ଖର୍ଚ୍ଚରେ କରୁଥିଲେ ମଧ ଭବିଷ୍ୟତରେ ପ୍ରତି ଜିଲ୍ଲାରେ ଝିଅମାନଙ୍କ ପାଇଁ ଆଡଭେଞ୍ଚର ସ୍ପୋର୍ଟ୍ସ ଟ୍ରେନିଂ ସେଣ୍ଟର ଖୋଲିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେ କର୍ପୋରେଟ୍ ସଂସ୍ଥା ଓ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ଯାତ୍ରାର ଉଦ୍ଦେଶ୍ୟ ହେଉଛି ଦେଶର କନ୍ୟା ସନ୍ତାନଙ୍କ ମନୋବଳ ଦୃଢ କରିବା, ଆତ୍ମବିଶ୍ୱାସ ଓ ସାହସ ବୃଦ୍ଧି କରିବା ଦିଗରେ ପ୍ରେରଣା ଦେବା। ଓଡ଼ିଶାରେ ଯୁବତୀ ଓ ମହିଳାଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯାଉଥିବା ସର୍ଭାଇକାଲ୍ କେନସର ଟିକା ନେବା ପାଇଁ ମଧ ଆହ୍ୱାନ କରୁଛନ୍ତି। ସମୀରାଙ୍କ ଏହି ଅଦମ୍ୟ ସାହସକୁ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଗସ୍ତ ସମୟରେ ସେ ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟିଥିବାବେଳେ ଶ୍ରୀ ସଏ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସଫଳତା କାମନା କରିଥିଲେ।

## ସର୍ବଭାରତୀୟ ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାରିପଦା, ୧୦।୩(ସମିସ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରି ସ୍ମୃତି କମିଟି ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚରେ କିସାନ ବ୍ରଦର୍ସ ଏଫସି ୭-୨ ଗୋଲରେ ଏମଏସସିବି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିସାନ ବ୍ରଦର୍ସ ଦଳର ଛଟୁ ମୁର୍ମୁ ୩ଟି, ନୀତେଶ ବାରି, ଛୋଟଲାଲ ମହାନ୍ତ, ରାଜ ପୂର୍ତ୍ତି ଓ ବସ୍ତା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ଏମଏସସିବି ଦଳର ସୁଶାନ୍ତ ମାଝୀ ଓ ସାଗେନ ବାସ୍କେ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ।

ଦ୍ୱିତୀୟ ମ୍ୟାଚ ଷ୍ଟେସନ ବଜାର ଏଫସି ଓ ବାବା ପିଲଚୁ ୟୁଥ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ଉପଜିଲ୍ଲପାଳ ଡଃ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଓ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠୀଙ୍କ ସମେତ ବରିଷ୍ଠ ସଦସ୍ୟ କୈଳାସ ବେହେରା, ବିଜୟ ଦାସ, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରୀ, ବିଶ୍ୱଜିତ ନାୟକ, ବନବିହାରୀ ମଉଗଜ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଶ୍ରମ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ସମୀକ୍ଷା

ରାଇରଙ୍ଗପୁର/ଗୋରୁମହିଷାଣୀ, ୧୦।୩ (ସମିସ): ଝାଡ଼ଖଣ୍ଡ-ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଗୋରୁମହିଷାଣୀ ବ୍ଲକ ଅନ୍ତର୍ଗତ କୁକୁଡ଼ିମୁଣ୍ଡି ଆଶ୍ରମ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଥିବାବେଳେ



ସେନେଇ ଆଲୋଚନା କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିଦର୍ଶନରେ ଆଶ୍ରମ ବିଦ୍ୟାଳୟର ବିକାଶ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପରିବେଶ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ସ୍ଥାନୀୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ଓ ଆଧୁନିକ ସୁବିଧା ଯୋଗାଇବ ବୋଲି ଆଶା କରାଯାଉଛି। ତେବେ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ ପୋଖରୀ ଉନ୍ନତିକରଣ ନେଇ ଅନୁଧ୍ୟାନ କରିଥିଲେ। ଗୋରୁମହିଶାଣୀ ବ୍ଲକ ଅନ୍ତର୍ଗତ କୁଲେଇଶିଳା ଗ୍ରାମର ଆଦର୍ଶ ହାଟ ନିକଟରେ ପୋଖରୀ ଉନ୍ନତିକରଣ କରାଯିବ। ଏହାକୁ ଏକ ଆଦର୍ଶ ପୋଖରୀ ଭାବେ ବିକାଶ କରିବା ଯୋଜନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହି ପରିଦର୍ଶନ ଜିଲ୍ଲାରେ ଜଳ ସମ୍ବଳର ଉନ୍ନୟନ ଓ ପରିବେଶ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଆଦର୍ଶ ପୋଖରୀ ଭାବେ ବିକଶିତ ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ପାଣି, ମତ୍ସ୍ୟ ଚାଷ ଓ ପରିବେଶଗତ ଲାଭ ମିଳିବା ନେଇ ଲକ୍ଷ୍ୟ ରହିଛି।

## ସିମେଣ୍ଟ ଟ୍ରକ୍ ଧକ୍କାରେ ହୋଟେଲ କର୍ମଚାରୀ ମୃତ

କରଞ୍ଜିଆ, ୧୦।୩ (ସମିସ): ସିମେଣ୍ଟ ବୋଝା ଟ୍ରକ୍ ଧକ୍କାରେ ଜଣେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଚିତ୍ରପୋଷି ଅଞ୍ଚଳର ବାସିନ୍ଦା। ସେ କରଞ୍ଜିଆସ୍ଥ ପ୍ରମିଳା ହୋଟେଲରେ କର୍ମଚାରୀ ଭାବେ କାମ କରୁଥିଲେ। ଗତକାଲି ରାତି ପ୍ରାୟ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସିମେଣ୍ଟ ବୋଝେଇ ଏକ ଟ୍ରକ ତାଙ୍କୁ ଧକ୍କା ଦେବାରୁ ସେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ଜିଲ୍ଲାପାଳଙ୍କ ରାଇରଙ୍ଗପୁର ହସ୍‌ପିଟାଲ ପରିଦର୍ଶନ

## ବିଲ୍‌ଡିଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ରାଇରଙ୍ଗପୁର, ୧୦।୩ (ସମିସ):ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ବାବଦରେ ଜିଲ୍ଲାପାଳ ହେମକାନ୍ତ ସୟ ଅନୁଧ୍ୟାନ କରିଛନ୍ତି। ରାଇରଙ୍ଗପୁର ଗସ୍ତ ଅବସରରେ




ହସ୍ପିଟାଲ ଯାଇ ଜିଲ୍ଲାପାଳ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବିଲ୍ଡିଂ ନିର୍ମାଣ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ବର୍ତ୍ତମାନ ରେଫର ହସ୍ପିଟାଲରେ ପରିଣତ ହୋଇଛି। ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ରୋଗୀ ସେବାରେ ବାଧା ସୃଷ୍ଟି ହେଉଛି। ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନାହାଁନ୍ତି। ଡାକ୍ତର ନ ଥିବାରୁ ଅସ୍ତ୍ରୋପଚାର ଠିକ ଭାବେ ହୋଇପାରୁନାହିଁ। ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ଉପରେ ବାମନଘାଟି, ପାଞ୍ଚପିଢ଼ ଉପଖଣ୍ଡ ସମେତ ପୋଡ଼ଶୀ ଝାରଖଣ୍ଡ ଅଞ୍ଚଳରେ ଲୋକେ ମଧ ନିର୍ଭରଶୀଳ ଅଟନ୍ତି। କିନ୍ତୁ ସରକାରୀ ହସ୍ପିଟାଲର ଡାକ୍ତର ମାନେ ରୋଗୀଙ୍କୁ ନିଜ ସ୍ୱାର୍ଥ ପାଇଁ ଘରୋଇ ହସ୍ପିଟାଲକୁ ପଠାଇ ଚିକିତ୍ସା କରାଇବାକୁ ବାଧ କରୁଥିବାର ନଜିର ରହିଛି। ଡାକ୍ତର ମାନେ ହସ୍ପିଟାଲ ବଦଳରେ ଘରୋଇ ହସ୍ପିଟାଲରେ ଚିକିତ୍ସା କରୁଥିବା ଅଭିଯୋଗ ରହିଛି। ଯାହା ଫଳରେ ରୋଗୀ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ଉକ୍ତ ସମସ୍ୟା ଗୁଡ଼ିକ ଜିଲ୍ଲାପାଳ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ହସ୍ପିଟାଲ ପରିସରରେ ଜାରି ଥିବା ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ନୂତନ କରି ହେଉଥିବା ୧୦୦ଶଯ୍ୟା ବିଶିଷ୍ଟ ବିଲ୍ଡିଂ କାର୍ଯ୍ୟର ପରିଦର୍ଶନ କରି ଦେଖିଥିଲେ। ଏହା ସହିତ ଶବ ବ୍ୟବଚ୍ଛେଦ ଗୃହ ଆଦି ନିର୍ମାଣ ନେଇ ଆଲୋଚନା କରିଛନ୍ତି। ନିର୍ମାଣ କାର୍ଯ୍ୟ ଅଗ୍ରଗତି ହୋଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରି ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ ସମୟରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ।

### ● ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କଲେ ଜିଲ୍ଲାପାଳ

## ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ବିକାଶ ପାଇଁ ଗୁରୁତ୍ୱ



ରାଇରଙ୍ଗପୁର/ଗୋରୁମହିଷାଣୀ,୧୦।୩(ସମିସ):ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଅଞ୍ଚଳସ୍ଥ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାପାଳ ହେମକାନ୍ତ ସୟ ପରିଦର୍ଶନ କରିଛନ୍ତି। ସେଠାରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବାବଦରେ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା, ଔଷଧ ଉପଲବ୍ଧତା, ଲ୍ୟାବ୍ରୋଟୋରୀ ଓ ଅନ୍ୟାନ୍ୟ ସେବା ବାବଦରେ ଅନୁଧ୍ୟାନ କରିଥିଲେ। ବିଭିନ୍ନ ସମସ୍ୟା ଓ ଅଭାବ ଉପରେ ଆଲୋଚନା କରି ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଯେକୌଣସି ଅସୁବିଧାକୁ ଦୂର କରିବା ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜିଲ୍ଲାପାଳ ରୋଗୀଙ୍କ ପାଇଁ ସମୟାନୁବର୍ତ୍ତୀ ଚିକିତ୍ସା ଓ ସୁବିଧାଜନକ ପରିବେଶ ନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହା ଦ୍ୱାରା ସରକାରୀ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକତା ବୃଦ୍ଧି ପାଇବ। ଗସ୍ତ ସମୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଓ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ଧାନ ବସ୍ତା ରଖିବାରୁ ଉତ୍ତେଜନା

ରାଜଘାଟ, ୧୦।୩ (ସମିସ)



ବସ୍ତା ଥାନା କୁଳିଦା ପଞ୍ଚାୟତ ଅନ୍ତର୍ଗତ ଧୂଳିଉଡ଼ା ଅଙ୍ଗନବାଡି କେନ୍ଦ୍ର ଗୃହ ଧାନମଣ୍ଡି ସାଜିବାରୁ ଛାତ୍ରଛାତ୍ରୀ ବାହାରେ ବସି ପାଠ ପଢିଲେ। ଫଳରେ ଅଭିଭାବକ ଏବଂ ଅଭିଭାବିକା ଏହି ଘଟଣାରେ ବିରକ୍ତି ଭାବ ପ୍ରକାଶ କରି ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ହୋହାଲ୍ଲା କରିବାରୁ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁସାରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଧାନ ବସ୍ତା ଗଛିତ ଥିବାରୁ କର୍ମୀ ନମିତା ପାତ୍ର ଛାତ୍ରଛାତ୍ରୀଙ୍କୁ ବାହାରେ ପାଠ ପଢାଇଥିଲେ। ପାଠ ପଢା ସାରି ପିଲାମାନେ ଅଭିଭାବକ ଓ ଅଭିଭାବିକାଙ୍କୁ ଏ ବାବଦରେ ଜଣାଇବା ପରେ କେତେକ ଅଭିଭାବକ ସନ୍ଧ୍ୟାରେ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ଭିତରେ ଥିବା ଧାନବସ୍ତା ଗୁଡ଼ିକର ଫଟୋ ଉତ୍ତୋଳନ କରିବା ସହ ସେଠାରେ ହୋହାଲ୍ଲା କରିଥିଲେ। ଏହି ପଂଚାୟତର ମହିଳା ମହାସଂଘ ମାଧ୍ୟମରେ ଗତ ୪ ବର୍ଷ ହେଲା ଧାନମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଥିବା ବେଳେ ଉକ୍ତ ଧାନ ବସ୍ତା ଗୁଡ଼ିକ ମହିଳା ମହାସଂଘଙ୍କର ବୋଲି ଜଣା ପଡ଼ିଥିଲା। ପରେ ଗଣମାଧ୍ୟମ ପ୍ରତିନିଧି ମାନେ

**ବାହାରେ ବସି ପାଠ ପଢିଲେ ପିଲା**

ମହିଳା ମହାସଂଘର ସଦସ୍ୟାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ କାହିଁକି ଏବଂ କାହା ନିର୍ଦ୍ଦେଶରେ ରଖାଯାଇଛି ବୋଲି ପଚାରିବାରୁ ସେମାନେ କିଛି କହିବା ପରିବର୍ତ୍ତେ କ୍ୟାମେରା ସମ୍ମୁଖରେ ମୁହଁ ଲୁଚାଇଥିଲେ। ଅଙ୍ଗନବାଡ଼ି ଗୃହର ସମ୍ପୂର୍ଣ୍ଣ ଦାୟିତ୍ୱ ଏବଂ ଚାବିକାଠି କର୍ମୀ ଶ୍ରୀମତି ପାତ୍ରଙ୍କ ପାଖରେ ରହୁଥିବା ବେଳେ ସେଠାରେ ଧାନବସ୍ତା କିପରି ଗଚ୍ଛିତ ରହିପାରିଲା ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଠ ପଢା ପାଇଁ ଉଦ୍ଦିଷ୍ଟ ଉକ୍ତ ଗୃହକୁ ଧାନମଣ୍ଡି କରିବା ଘଟଣାରେ ଉତ୍ୟକ୍ତ ହୋଇ ଅଭିଭାବକ ମାନେ ଘଟଣା ସମ୍ପର୍କରେ ସିଡିପିଓଙ୍କୁ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ସି?ପିଓ ଗିନ୍ଦିରି ମୁର୍ମୁଙ୍କୁ ପଚାରିବାରୁ ଜିଲାପାଳଙ୍କ ବୈଠକ ଯୋଗୁ ସେ ବ୍ୟସ୍ତ ଥିବାରୁ ଜଣେ ସୁପରଭାଇଜରଙ୍କୁ ଆଜି ଉକ୍ତ ସ୍ଥାନକୁ ପଠାଇ ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି, ଉକ୍ତ କର୍ମୀଙ୍କୁ ଏ ସଂକ୍ରାନ୍ତରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ୭୫ କେଜି ଗଞ୍ଜେଇ ଜବତ, ୨ ଗିରଫ



**ବାଲେଶ୍ୱର ସଦର/ରାଜଘାଟ, ୧୦।୩ (ସମିସ) :** ବାଲେଶ୍ୱର ଓ ବସ୍ତା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଅଚାନକ ଚଢ଼ଉ କରାଯାଇ ଦୁଇଟି ବାଇକ ସହ ୭୫ କିଗ୍ରା ଗଞ୍ଜେଇ ଓ ନଗଦ ୪ ଲକ୍ଷ ଟଙ୍କା ଜବତ ହୋଇଛି। ଏଥିସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରଘୁନାଥ ନଗରର କାହ୍ନୁ ଦାସ (୨୫) ଓ ସିଂଲା ଥାନା ଗମ୍ଭାରିଆ ଗ୍ରାମର ସଞ୍ଜିତ ଜେନା (୩୬)। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ କାହ୍ନୁ ବାଇକ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୧୬ ନଂ ଜାତୀୟ ରାଜପଥର ହଳଦୀପଦା ନିକଟରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ତାଙ୍କ ନିକଟରୁ ୨୪ କିଗ୍ରା ଗଞ୍ଜେଇ ସହ ବାଇକ ଜବତ ହୋଇଥିଲା। ସେହିପରି ଅଭିଯୁକ୍ତ ସଞ୍ଜିତଙ୍କ ଠାରୁ ଗମ୍ଭାରିଆ ଛକ ନିକଟରୁ ୫୧ କିଗ୍ରା ଗଞ୍ଜେଇ, ବୁଲେଟ ମଟର ସାଇକେଲ ଜବତ କରାଯାଇଥିଲା। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନରାଣୀ ସାହୁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ହରିହର ସିଂହ, ସବ ଇନ୍ସପେକ୍ଟର ଭବେଶ ଦାସ ଓ ଜଗନ୍ନାଥ ଭିତିରିଆ , ଏଏସଆଇ ଲମ୍ବୋଦର ମହାନ୍ତ ଓ ଦିଲ୍ଲୀପ କୁମାର ଟୁଡୁ ପ୍ରମୁଖ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ନିମ୍ନମାନର ଚାଲିଛି ନୂତନ ଥାନା ନିର୍ମାଣ କାର୍ଯ୍ୟ



**ବାଲେଶ୍ୱର ସଦର/ରାଜଘାଟ, ୧୦।୩ (ସମିସ):** ସରକାରୀ ସଂସ୍ଥା ପୁଲିସ ହାଉସିଂ ବୋଡର୍ ବିଲ୍ଡିଂ କାମକୁ ଭରସା ନାହିଁ,କାମ କରୁ କରୁ ଧସିଯିବାର ସମ୍ଭାବନା ରହିଛି, ଧସିଗଲେ ଆଉଥରେ ହେବ ନୂଆ କାମ, ଆଉଥରେ ହେବ ନୂଆ ବିଲ୍,ଏମିତି ଅଜବ କଥା କହୁଛନ୍ତି ସରକାରୀ କୋଠା ନିର୍ମାଣ କରୁଥିବା ପୁଲିସ ହାଉସିଂ ବୋଡ଼ର୍ ଅଧିନରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ସୁପରଭାଇଜର। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପରିସରରେ ଥାନା ପାଇଁ ଏକ ନୂତନ କୋଠା ନିର୍ମାଣ ହେଉଛି। ଯାହାର ନିର୍ମାଣ ଦାୟିତ୍ୱ ନେଇଛି ପୁଲିସ ହାଉସିଙ୍ଗ ବୋଡର୍ ବିଭାଗ। ନିର୍ମାଣ କାର୍ଯ୍ୟ ହେଉଛି ଅତ୍ୟନ୍ତ ନିମ୍ନମାନର, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଛି ମାଟି ମିଶା ବାଲି ଓ ମଲା ଚିପ୍ସ, କୁହାଯାଏ ଢଳାଇ କାର୍ଯ୍ୟରେ ଯଦି ଗୋଟିଏ ୧୦ ଗ୍ରାମ ଓଜନର ମାଟି ମିଶିଯାଏ ତାହାହେଲେ ତାହା ୧୦ ସ୍କୋୟାର ଫୁଟ ଢଳାଇକୁ ନଷ୍ଟ କରିଦେବ, ପାଖାପାଖି ୨ କୋଟି ଟଙ୍କାର ଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା କୋଠା ପାଇଁ ନା ବାଲି ଚଲା ଯାଉଛି ନା ଢଳାଇ ସମୟରେ ଢଳାଇକୁ ମଜବୁତ କରିବା ପାଇଁ ଭାଇବ୍ରେଟର ବ୍ୟବହାର କରା ଯାଇଛି, ଭାଇବ୍ରେଟର ବଦଳରେ ଠିକାଦାର କାଠ ପଟା ବ୍ୟବହାର କରୁଛନ୍ତି, ଫଳରେ କୋଠାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ସିମୁଳିଆ, ୧୦।୩ (ସମିସ):** ସିମୁଳିଆ ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ମଣ୍ଡଳ ସଭାପତି ଅଭିନାସ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ସୁନିଲ କୁମାର ଟୁଡୁଙ୍କ ସଂଯୋଜନାରେ ମୋଟ ୪୦୯ଜଣଙ୍କୁ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ କରାଯାଇଥିଲା। ଅସ୍ଥିଶଲ୍ୟରେ ୨୬୯, ଚକ୍ଷୁରେ ୬୩, ମାନସିକ ଅଗ୍ରସରତା ପାଇଁ ୭୭ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଅସ୍ଥି ଶଲ୍ୟ ବିଭାଗ ଡାକ୍ତର ଡ଼. ଶିବାନନ୍ଦ ରଥ, ମେଡ଼ିସିନ ଡାକ୍ତର ଡ଼. ଜିତେନ୍ ସୋରେନ, ଚକ୍ଷୁ ଡାକ୍ତର ଡ଼. ବିକାଶ ରଞ୍ଜନ ନାୟକ ପରୀକ୍ଷା କରିଥିଲେ। ଆଜି ବିଧାୟକ ଶ୍ରୀ ପଣ୍ଡା ଉପସ୍ଥିତିରେ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ରାସନ କାର୍ଡ, ଅବାସ କାର୍ଯ୍ୟାଦେଶ, ପ୍ରଭୁତି ପ୍ରଦାନ କରିଥିଲେ। ତୁରନ୍ତ ବେଟେରି ଚାଳିତ ଗାଡି ଓ ଭତ୍ତା ତୁରନ୍ତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୨ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଅଙ୍ଗନବାଡି କର୍ମୀ ଓ ଆପଣ ଏକା ନୁହନ୍ତି ଟ୍ରଷ୍ଟ, ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରସନ୍ନ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ମଦ ମାଗି ନ ପାଇବାରୁ ଉନ୍ମତ୍ତକାଣ୍ଡ**

## ଘର ଆଗରେ ପୋଡ଼ିଦେଲେ ଟ୍ରାକ୍ଟର ଓ ପାୱାର ଟିଲର



**ଔପଦା, ୧୦।୩ (ସମିସ):** ମଦ ମାଗି ନପାଇବାରୁ ବିଳମ୍ବିତ ରାତିରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଘର ଭିତରେ ପଶି ଗାଳିଗୁଲଜ କରିବା ସହ ବାହାରେ ରଖାଯାଇଥିବା ଟ୍ରାକ୍ଟର ଓ ପାୱାର ଟିଲରକୁ ନିଆଁ ଲଗାଇ ଭସ୍ମୀଭୂତ କରିଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା କମାରପାଳ ଗ୍ରାମରେ ଘଟିଯାଇଛି। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ କମାରପାଳ ଗ୍ରାମର କମଳାକାନ୍ତ ବେହେରାଙ୍କ ଘରେ ଡାଳଙ୍ଗ ଗ୍ରାମର ଦେବାଶିଷ ବେହେରା ଓ ଅଲ୍ଲୀ ଏଏସ ବେହେରା (ମୂଷା)ଙ୍କ ସମେତ ୩ ଜଣ ଯୁବକ ଜୋରଜବରଦସ୍ତି ପଶିଥିଲେ। ସେମାନେ କମଳାକାନ୍ତଙ୍କୁ ମଦ ମାଗିଥିବା ବେଳେ ମୁଁ ମଦ ବିକ୍ରି କରୁନାହିଁ ବୋଲି ସେ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇ ସେଠାରୁ ଚାଲିଯାଇଥିଲେ। ସେଠାରୁ ଯିବା ସମୟରେ ଉକ୍ତ ଯୁବକମାନେ ପଡ଼ୋଶୀଙ୍କ ଘରୁ ଦିଆସିଲି ମାଗିଥିବା ଜଣାପଡ଼ିଛି। ଆଜି ସକାଳେ କମଳାକାନ୍ତ ଦେଖିବାକୁ ପାଇଥିଲେ ଯେ, ତାଙ୍କ ଘର ସମ୍ମୁଖରେ ଥିବା ଟ୍ରାକ୍ଟର (ଓଡି ଜିରୋ ୱାନଏଟି ୦୬୭୫) ଏବଂ ପାୱାର ଟିଲରକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜଳାଇ ଦେଇଛନ୍ତି। ରାତିରେ ଆସିଥିବା ଯୁବକମାନେ ହିଁ ପ୍ରତିଶୋଧ ପରାୟଣ ହୋଇ ଏହି କାଣ୍ଡ ଭିଆଇଥିବା ନେଇ କମଳାକାନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଏଏସଆଇ ରମାକାନ୍ତ ମଲ୍ଲିକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଘଟଣାର ଅନୁସନ୍ଧାନ କରି ଫେରିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ଚକ୍ଷୁଦାନ କରି ଅମର ହୋଇଗଲେ ଅଜୟ



**ନୀଳଗିରି, ୧୦।୩ (ସମିସ):** ନୀଳଗିରି ସହରର ସୁପରିଚିତ ପୁସ୍ତକ ବ୍ୟବସାୟୀ ତଥା ସମାଜସେବୀ ଅଜୟ କୁମାର ପାତ୍ର (୫୨)ଙ୍କ ଏକ ଅଭାବନୀୟ ଦୁର୍ଘଟଣାରେ ଗତ ୮ ତାରିଖ ରାତିରେ ମୃତ୍ୟୁ ହୋଇଥିଲା। ଗତକାଲି ବାଲେଶ୍ୱର ସଦର ହାସପାତାଳରେ ଅଜୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରାତିରେ ପୁରୀ ସ୍ୱର୍ଗଦ୍ୱାର ନେଇ ସତ୍କାର କରାଯାଇଛି। ମୃତ ଅଜୟଙ୍କ ବଡ ଭାଇ ବିଶିଷ୍ଟ ବାମପନ୍ଥୀ ଶ୍ରମିକ ନେତା ତଥା ଜିଲ୍ଲା ରକ୍ତଦାତା ସଂଘ ଓ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘର ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ପାତ୍ର, ପରିବାରର ସ୍ତ୍ରୀ, ପୁତ୍ର ତଥା ସଦସ୍ୟଗଣ, ରକ୍ତଦାତା ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତଂକର ଉଦ୍ୟମକ୍ରମେ, ଅଜୟଙ୍କ ଦୁଇ ଆଖି ଚକ୍ଷୁ ବ୍ୟାଙ୍କକୁ ଦାନ କରାଯାଇଛି। ମୃତ୍ୟୁ ପରେବି ନେତ୍ରଦାନ କରି ଅଜୟ ପାତ୍ର ଦୁଇଜଣ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଏ ଦୁନିଆର ଆଲୋକ ଦେଖିବାର ଦୁର୍ଲଭ ସୁଯୋଗ ପ୍ରଦାନ କରି ପାରି ଥିବାରୁ ସେ ଆଜିର ଦୁନିଆ ରେ ଅମର ହୋଇଯାଇଛନ୍ତି ବୋଲି ସାଧାରଣରେ ବେଶ ଆଲୋଚନା ହେଉଛି। ଏହି ମହତ କାର୍ଯ୍ୟ ପାଇଁ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ଅଜୟ ପାତ୍ରଂକର ପିତା ଅବସର ପ୍ରାପ୍ତ ରାଜସ୍ୱ ଅଧିକାରୀ ବାଂଛାନିଧି ପାତ୍ର, ମାତା ଯମୁନାମଣି, ସହଧର୍ମିଣୀ ରଂଜିତା, ଏକମାତ୍ର ପୁତ୍ର ଉମାଶଂକର, ସାନଭାଇ ଅକ୍ଷୟ, ସଂଜୟ ଓ ପରିବାର ପରିଜନଙ୍କୁ ଏହି ନେତ୍ରଦାନ ନିଷ୍ପତ୍ତି ପାଇଁ ସାଧୁବାଦ ଜ୍ଞାପନ କରାଯାଇଛି। ଅନ୍ୟ ପକ୍ଷରେ ତାଙ୍କ ଅକାଳ ବିୟୋଗରେ ଗତକାଲି ନୀଳଗିରି କଚେରୀ ବଜାରର ବଳରାମ ରାଜ ମାର୍କେଟ କଂପ୍ଲେକ୍ସର ସବୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ରକ୍ତଦାତା ସଂଘ ପକ୍ଷରୁ ଭଗବାନ ମହାନ୍ତି,ରବି ରାଉତ, ଗଂଗାଧର ମହାନ୍ତି ଉପସ୍ଥିତ ରହି ଅଜୟଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ସହିତ ଶୋକାକୁଳ ପରିବାର ପରିଜନଙ୍କୁ ସମବେଦନା ଜ୍ଞାପନ କରିଥିଲେ।

**ଚାକିରି ନାଁରେ ଠକେଇ**

## ସୋରରୁ ଅଭିଯୁକ୍ତକୁ ଉଠାଇ ନେଲା ଚନ୍ଦ୍ରଶେଖରପୁର ଥାନା ପୁଲିସ

**ସୋର, ୧୦।୩ (ସମିସ):** ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳର ଜଣେ ଯୁବକଙ୍କୁ ଚାକିରୀ କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକକୁ ସୋରରୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଉଠାଇ ନେଇଥିବା ଜଣାପଡିଛି। ସୂଚନା ଅନୁସାରେ ଇଟୁଆ ଗ୍ରାମର ସନ୍ତୋଷ ମହାନ୍ତି (୩୯) ଭୁବନେଶ୍ୱରରେ ରୁହନ୍ତି। ସେଠାରେ ନୀଳାଦ୍ରିବିହାର ଅଞ୍ଚଳର ଦେବାଶିଷ ପଣ୍ଡାଙ୍କୁ ଚାକିରୀ କରେଇ ଦେବାକୁ କହି ବିଭିନ୍ନ ସମୟରେ ତାଙ୍କ ଠାରୁ ୧୬ ଲକ୍ଷ ଟଙ୍କା ଆଣିଥିଲେ। ପରବର୍ତ୍ତୀ ସମୟରେ ଦେବାଶିଷ ଠକାମୀର ଶିକାର ହୋଇଥିବା ଜାଣିବା ପରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ସନ୍ତୋଷ ନମ୍ବରକୁ ଟ୍ରାକିଂ କରିଥିଲେ। ସେ ସୋରରେ ଥିବା ଜାଣିପାରି ଗତକାଲି ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ସୋର ଥାନାରେ ପହଞ୍ଚି ସୋର ପୁଲିସ ସହାୟତାରେ ସନ୍ତୋଷକୁ ତାଙ୍କ ଘରୁ ଗିରଫ କରି ଭୁବନେଶ୍ୱର ନେଇଯାଇଥିବା ଜଣାପଡିଛି।

## ନୂତନ ଆଇଆଇସି ଜନ ପଟ୍ଟନାୟକ ଓ ଏସ୍ଆଇ ଅନିତା ମଙ୍ଗରାଜଙ୍କ ଦାୟିତ୍ୱ ଗ୍ରହଣ





**ଖଇରା,୧୦।୩ (ସମିସ):** ଗତ ୫ମାସ ଧରି ଖଇରା ଥାନାରେ ଆଇଆଇସି ପଦବୀ ଖାଲି ରହିଥିବା ବେଳେ ନୂତନ ଆଇଆଇସି ଭାବେ ଜନ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ତିର୍ତ୍ତୋଲ ନିବାସୀ ଶ୍ରୀ ପଟ୍ଟନାୟକ ଏହା ପୂର୍ବରୁ କେନ୍ଦୁଝର ଜିଲା ନୟାକୋର୍ଟ ଥାନାର ଆଇଆଇସି ଭାବେ ଅବସ୍ଥାପିତ ଥିଲେ। ସେହିଭଳି ଖାଲି ପଡିଥିବା ଅନ୍ୟ ଏକ ଏସଆଇ ପଦବୀ ମଧ୍ୟ ପୂରଣ ଖଇରବାସୀଙ୍କ ପାଇଁ ଖୁସିର ବାର୍ତ୍ତା ଦେଇଛି। ବାଲେଶ୍ୱର ଟାଉନ ଥାନାର କାର୍ଯ୍ୟରତ ଏସଆଇ ଅନିତା ମଙ୍ଗରାଜ ମଧ୍ୟ ଖଇରା ଥାନାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆବଶ୍ୟକ କର୍ମଚାରୀ ଅଭାବ ଯୋଗୁଁ ଖଇରାରେ ଗତ କିଛି ମାସ ହେଲା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିଲା।

## ଭୂମିଜ ଜନଜାତିଙ୍କ ଦିଶୁମ୍ ବାଆ ବଙ୍ଗା ପରବ୍



**ନୀଳଗିରି, ୧୦।୩ (ସମିସ):** ଆଜି ନୀଳଗିରିର ମହିଷାପଟ୍ଟା ଗ୍ରାମପଞ୍ଚାୟତ ଅଧୀନ ଡମ୍ବରୁଘାଟି ଠାରେ ଭୂମିଜ ଆଦିବାସୀମାନେ ସେମାନଙ୍କର ପାରମ୍ପରିକ ଦିଶୁମ୍ ବାଆ ବଙ୍ଗା ପରବ୍ ସ୍ୱର୍ଣ୍ଣଚୁଡ଼ ପାହାଡ଼ର ପାଦଦେଶରେ ଏକ ପ୍ରାକୃତିକ ମନୋରମ ପରିବେଶରେ ଆୟୋଜନ କରିଛନ୍ତି। ବାଆ ବଙ୍ଗା କମିଟିର ସମ୍ପାଦିକା ସୁବାସିନି ସିଂ କହିଛନ୍ତି, ବସନ୍ତ ଋତୁର ଆଗମନରେ ଯେତେବେଳେ ପ୍ରକୃତିରେ ନୂଆ ପତ୍ର, ଫୁଲ ଫଳ ଆସେ ସେତେବେଳେ ଭୂମିଜ ଆଦିବାସୀମାନେ ଏହି ପର୍ବ ଗ୍ରାମର ପୁରୁଷ ଓ ମହିଳାମାନେ ଏକତ୍ରିତ ହୋଇ ସେମାନଙ୍କ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ମାଦଳର ତାଳେ ତାଳେ ଜଙ୍ଗଲକୁ ଯାଇ ଶାଳଫୁଲକୁ ଜଙ୍ଗଲର ରାଜା ଭାବେ ପୂଜାର୍ଚ୍ଚନା କରି ତାଙ୍କ ମାଧ୍ୟମରେ ଜଙ୍ଗଲର ସମସ୍ତ ଦେବାଦେବୀ ମାନଙ୍କୁ ଆହ୍ୱାନ କରି ପୂଜା ମଣ୍ଡପକ ଆଣି ମିଳିମିଶି ପ୍ରାର୍ଥନା କରନ୍ତି। ସେମାନେ ପ୍ରାର୍ଥନା ମାଧ୍ୟମରେ ପ୍ରକୃତିର ବରଦାନ ନିମନ୍ତେ ଧନ୍ୟବାଦ ଅର୍ପଣ କରିବା ସହିତ ଗ୍ରାମବାସୀ, ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ସୁରକ୍ଷା ଦେବା ସହିତ ନିରାମୟ ରଖିବା ନିମନ୍ତେ ଗୁହାରୀ କରିଥାନ୍ତି। ଏହି କାର୍ଯ୍ୟକ୍ରମକୁ ବଣ ଧୂଳିର ଫୁଲର ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ ଓ ସଦସ୍ୟମାନେ ସହଯୋଗ କରିଥିବା ବେଳେ ବାଆ ବଙ୍ଗା କମିଟିର ସଭାପତି ପରମାନନ୍ଦ ସିଂ, ସମ୍ପାଦିକା ସୁବାସିନି ସିଂ ହରିହର ସିଂ, ଗୁଡୁରା ସିଂ, ଡୁମା ସିଂ, ରାମଚନ୍ଦ୍ର ସିଂ, ଶ୍ରୀମତୀ ସିଂ, ସୋମା ସିଂ, ଗୁରୁବାରୀ ସିଂ ସମେତ ଅନେକ ସଦସ୍ୟ ସହଯୋଗ କରିଛନ୍ତି।

## ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

**ଖଇରା,୧୦।୩ (ସମିସ):** ଅବସରପ୍ରାପ୍ତ କର୍ମଚାରୀ ମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଏଥିସହ ଅବସର ପରେ ଏକାକୀ ରହିବା ଦ୍ୱାରା ବୟସ୍କ ମାନେ ଚାପଗ୍ରସ୍ତ ହୋଇ ରକ୍ତଚାପ ଓ ହୃଦରୋଗ ଭଳି ରୋଗର ପୀଡିତ ହେବାର ସମ୍ଭାବନା ଅଧିକ। ଏଣୁ ଚାପରୁ ମୁକ୍ତି ତଥା ସାମୁହିକ ସ୍ୱାର୍ଥ ସାଧନ ଲାଗି ସଂଘ ସହ ଯୋଡି ହୋଇ ରହିବା ନିତାନ୍ତ ଆବଶ୍ୟକ ବୋଲି ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବାଲେଶ୍ୱର ଜିଲା ଖଇରା ଶାଖାର ୨୭ତମ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାୟୀ ସଭାପତି ମହେନ୍ଦ୍ର ପ୍ରସାଦ କବିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ସଂଘର ଉପସଭାପତି ସୁଦର୍ଶନ ଦାସ ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ଦାମୋଦର ନାୟକ ମୁଖ୍ୟବକ୍ତା, ପ୍ରତିଷ୍ଠାତା ସଭାପତି ଅନ୍ତର୍ଯାମୀ ପାତ୍ର, ଅବସରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥି, ଉପଦେଷ୍ଟା ସୁଦାମ ଚରଣ ରାଉତ ତଥା ୟୁକୋ ବ୍ୟାଙ୍କ ଖଇରା ଶାଖାର ସହକାରୀ ପରିଚାଳକ ସୌଭାଗ୍ୟ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବର୍ଷିଆନ ସଭ୍ୟ ଜଳଧର ମିଶ୍ର, ମହେନ୍ଦ୍ର ପ୍ରସାଦ ସେଠୀ ଓ ଚିନ୍ତାମଣୀ ସାହାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନାଥ ପତ୍ରୀ ମଞ୍ଚ ଆହ୍ୱାନ, କିଶୋର ରାଉତ ସ୍ୱାଗତ ସଙ୍ଗୀତ, ବୁଦ୍ଧିରାମ ପାଣିଗ୍ରାହୀ ବେଦପାଠ, ଡା ପ୍ରଭାକର ପଣ୍ଡା ସ୍ୱାଗତ ଭାଷଣ ଓ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଔପଦା ବଜାରରେ ପାଇପ ଫାଟି ପାନୀୟଜଳର ଅପଚୟ

ଔପଦା,୧୦।୩ (ସମିସ)



**ପାନୀୟ ଜଳ ଅପଚୟ ସହ ବ୍ୟାପୁଛି ରୋଗ**

ସରକାରଙ୍କ "ବସୁଧା' ଯୋଜନା ଏବେ ଔପଦା ବ୍ଲକ ତଳକିଆ ପଞ୍ଚାୟତରେ ବିଫଳ ହେବାକୁ ବସିଛି। ପାଇପ୍ ଲାଇନ ଫାଟି ହଜାର ହଜାର ଲିଟର ପାନୀୟ ଜଳ ରାସ୍ତାରେ ବୋହି ନଷ୍ଟ ହେଉଥିବା ବେଳେ ଏହା ଏବେ ସ୍ଥାନୀୟ ଅଞ୍ଚଳରେ ମାରାତ୍ମକ ରୋଗ ବ୍ୟାପିବାର କାରଣ ସାଜିଛି। ଦୂଷିତ ପରିବେଶ ଓ ରୋଗର ଭୟ ଔପଦା ବଜାରସ୍ଥିତ ମାଛ ହାଟରେ ଲଗାତାର ୮-୧୦ ଦିନ ଧରି ପାଣି ଜମି ରହୁଥିବାବେଳେ ତଳକିଆ ଗ୍ରାମର ବିଭିନ୍ନ ସ୍ଥାନରେ ମାସ ମାସ ଧରି ପାଣି ଜମି ରହିବା ଫଳରେ ଏହା ଏକ ପଙ୍କୁଆ ନାଳରେ ପରିଣତ ହୋଇଛି। ମାଛ ହାଟର ବର୍ଜ୍ୟବସ୍ତୁ ସହ ଏହି ପାନୀୟ ଜଳ ମିଶି ଦୁର୍ଗନ୍ଧ ସୃଷ୍ଟି କରୁଛି, ଯାହା ଫଳରେ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ଅହେତୁକ ଭାବେ ବଢିବାରେ ଲାଗିଛି। ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଏବେ ଝାଡ଼ାବାନ୍ତି, ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ଭୟଙ୍କର ରୋଗ ବ୍ୟାପିବା ଆଶଙ୍କାରେ ଭୟଭୀତ ଅଛନ୍ତି। ବିଭାଗୀୟ ଉଦାସୀନତାକୁ ନେଇ ଜନ ଅସନ୍ତୋଷ ପରିବେଶ ଦୂଷିତ ହେବା ସହ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଅଭିଯୋଗ ହେବାର ଏତେ ଦିନ ପରେ ବି କୌଣସି ମରାମତି କାର୍ଯ୍ୟ ଆରମ୍ଭ ନହେବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଳ ଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳାଯାଉଥିବା ନେଇ ଅଭିଯୋଗ ହୋଇଛି। ଯଦି ତୁରନ୍ତ ଏହି ଫାଟିଥିବା ପାଇପ୍‌କୁ ମରାମତି କରା ନଯାଏ ଏବଂ ଜମି ରହିଥିବା ଦୂଷିତ ପାଣିର ନିଷ୍କାସନ ପାଇଁ ବ୍ୟବସ୍ଥା କରା ନଯାଏ, ତେବେ ଆଗାମୀ ଦିନରେ ଏହି ଅଞ୍ଚଳରେ ଏକ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ବିଷୟରେ ଔପଦା ଗ୍ରାମ୍ୟ ଜଳଯୋଗାଣ ବିଭାଗ ଭାର ପ୍ରାପ୍ତ କନିଷ୍ଠ ଯନ୍ତ୍ରୀ ସଂଯୁକ୍ତା ପାଣି କହିଛନ୍ତି ମୋ ପାଖରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ। ତଦନ୍ତ କରି ଯଥାଶୀଘ୍ର ଏହାର ବ୍ୟବସ୍ଥା କରିବି ବୋଲି କହିଥିଲେ। ତଳକିଆ ଗ୍ରାମର ବାସିନ୍ଦା ଦାମୋଦର ପଣ୍ଡା କହିଛନ୍ତି ମାସ ମାସ ଧରି ଏଭଳି ପାଣି ରାସ୍ତାରେ ଜମିରହୁଛି ଯିବାଆସିବାରେ ବହୁ ସମସ୍ୟା ଉପୁଜିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

## ମା' ଅବଧ କଳିକାଙ୍କ ବାର୍ଷିକ ଉତ୍ସବ



**ବସ୍ତା ବ୍ଲକ, ୧୦।୩ (ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ ବାଉଁଶ ମୁଖା ଗ୍ରାମର ମା' ଅବଧ କଳିକାଙ୍କ ବାର୍ଷିକ ଉତ୍ସବ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳ ସମୟରେ ଗ୍ରାମର ଶତାଧିକ ମହିଳା ବିରାଟ କଳସ ଶୋଭାଯାତ୍ରାରେ ଜଳକା ନଦୀରୁ ଘଟ ଉତ୍ତୋଳନ କରି ପୀଠ ରେ ପହଞ୍ଚି ଥିଲେ। ମଙ୍ଗଳବାର ବଡ଼ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ରହୁଥିବା କୁହା ଯାଇଛି। ଏହି ପୂଜାରେ ସଭାପତି କେଶବ ବେହେରା, ସମ୍ପାଦକ ରବିନାରାୟଣ ଶତପଥି,ପ୍ରଭାକର ବୈଠା, ଦାମୋଦର ବୈଠା, ଭାସ୍କର ବୈଠା,ନଗେନ୍ଦ୍ର ଘଡ଼ାଇ, ନିମାଇଁ ଚରଣ ବେହେରା,ଏକାଦଶ ମୁଖି,ପଞ୍ଚାନନ ଜେନା, ଜଗବନ୍ଧୁ ଜେନା, କାର୍ତ୍ତିକ ମୁଖି ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅବସରରେ ନାମଯଜ୍ଞ ସହିତ ମା' ଅବଧ କାଳିକ ଓ ମା ବଡାମ ଠାକୁରାଣୀଙ୍କ ବାର୍ଷିକ ପୂଜା ସହିତ ଚୈତନ୍ୟ ମହାପ୍ରଭୁଙ୍କ ଆଗମନ ସହ ସଂକୀର୍ତନ ମେଳି ଅନୁଷ୍ଠିତ ହେବ। ଆସନ୍ତା ୧୨ ତାରିଖ ଦ୍ୱିପ୍ରହରରେ ପ୍ରସାଦ ସେବନ ବ୍ୟବସ୍ଥା ଏବଂ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

